# NATIONAL NEWS BULLETIN (ODIA)
## 1 March - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- କୃଷିକୁ ବିକାଶର ପ୍ରଥମ ଇଞ୍ଜିନ ଭାବେ ବିଚାର କରି ସରକାର କୃଷକମାନଙ୍କୁ ଗୌରବର ସ୍ଥାନ ଦେଇଛନ୍ତି; କହିଲେ ପ୍ରଧାନମନ୍ତ୍ରୀ
- ମଣିପୁରର ସୁରକ୍ଷା ସ୍ଥିତିର ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

– କହିଲେ, ରାଜ୍ୟରେ ସ୍ଥାୟୀ ଶାନ୍ତି ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ

- ଛତିଶଗଡ଼ ସୁକ୍‌ମା ଜିଲ୍ଲାରେ ସୁରକ୍ଷା ବାହିନୀ ସହ ଗୁଳିବିନିମୟ ଘଟି ଦୁଇ ଜଣ ମାଓବାଦୀ ନିହତ
- ଉତ୍ତରାଖଣ୍ଡ ହିମସ୍ଖଳନରେ ଫଶି ରହିଥିବା ୫୦ ଜଣ ଶ୍ରମିକ ସୁରକ୍ଷିତ ଭାବେ ଉଦ୍ଧାର; ଅନ୍ୟ ୫ ଜଣଙ୍କୁ ଖୋଜାଖୋଜି ଜାରି

ଏବଂ

- ଆଇ.ସି.ସି. ଚମ୍ପିଆନ୍ସ ଟ୍ରଫି କ୍ରିକେଟ୍‌ରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୧୮୦ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟକଲା ଇଂଲଣ୍ଡ ।

# ପିଏମ୍- ଏଗ୍ରିକଲଚର ୱେବିନାର

କୃଷି କ୍ଷେତ୍ରର ଅଭିବୃଦ୍ଧି ଏବଂ ଗ୍ରାମୀଣ ସମୃଦ୍ଧି ହାସଲ ପାଇଁ ସରକାର ଦ୍ୱିତୀୟ ଲକ୍ଷ୍ୟ ନେଇ ଆଗେଇ ଚାଲିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। କୃଷି ଓ ଗ୍ରାମୀଣ ସମୃଦ୍ଧି ଉପରେ ବଜେଟ୍ ପରବର୍ତ୍ତୀ ୱେବିନାରକୁ ଭର୍ଚୁଆଲ ମାଧ୍ୟମରେ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ବିକଶିତ ଭାରତର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବା ପାଇଁ ଭାରତର ସଂକଳ୍ପ ଅତ୍ୟନ୍ତ ସ୍ପଷ୍ଟ । ସେ କହିଛନ୍ତି, ଆମେ ମିଳିତ ଭାବେ ଏକ ଭାରତ ଗଠନ ଦିଗରେ କାର୍ଯ୍ୟ କରୁଛୁ ଯେଉଁଠାରେ କୃଷକମାନେ ସମୃଦ୍ଧ ଏବଂ ସଶକ୍ତ ହୋଇପାରିବେ । କୌଣସି ଚାଷୀ ଯେପରି ପଛରେ ନ ପଡ଼ିବେ ଏବଂ ପ୍ରତ୍ୟେକ କୃଷକଙ୍କୁ ଆଗକୁ ବଢ଼ାଇବା ପାଇଁ ସରକାରଙ୍କ ପ୍ରୟାସ ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି। କୃଷିକୁ ବିକାଶର ପ୍ରଥମ ଇଞ୍ଜିନ୍ ଭାବେ ବିଚାର କରି ସରକାର କୃଷକମାନଙ୍କୁ ଗୌରବର ସ୍ଥାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା କୃଷକମାନଙ୍କୁ ପାଖାପାଖି ୩ ଦଶମିକ ୭୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ଶ୍ରୀ ମୋଦୀ  କହିଛନ୍ତି। ଏହି ଯୋଜନା ଅଧୀନରେ ବାର୍ଷିକ ୬ ହଜାର ଟଙ୍କାର ଆର୍ଥିକ ସହାୟତା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରୁଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ପ୍ରଧାନମନ୍ତ୍ରୀ କହିଛନ୍ତି, କେନ୍ଦ୍ର ବଜେଟରେ ସରକାର 'ପିଏମ୍ ଧନଧାନ୍ୟ କୃଷି ଯୋଜନା' ଘୋଷଣା କରିଛନ୍ତି, ଯେଉଁଥିରେ ଦେଶରେ ସର୍ବନିମ୍ନ କୃଷି ଉତ୍ପାଦକତା ଥିବା ୧୦୦ଟି ଜିଲ୍ଲାର ବିକାଶ ଉପରେ ଗୁରୁତ୍ୱ ଦିଆଯିବ । କୃଷି ଉତ୍ପାଦନ ରେକର୍ଡ ସ୍ତରରେ ରହିଛି ବୋଲି ସେ କହିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଉତ୍ପାଦନ ୨୬୫ ନିୟୁତ ଟନ୍‌ରୁ ୩୩୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବା ସହ ଉଦ୍ୟାନ କୃଷି ଉତ୍ପାଦନ ୩୫୦ ନିୟୁତ ଟନ୍ ଅତିକ୍ରମ କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି। 'ବିଜ ସେ ବଜାର ତକ୍' କାର୍ଯ୍ୟକ୍ରମ ଭଳି ସରକାରଙ୍କ ପଦକ୍ଷେପ ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**V/O- PM--BEEJ-SE-BAZAR-TAK**

ବର୍ତ୍ତମାନ ଦେଶରେ ଡାଲି ଉତ୍ପାଦନ ବୃଦ୍ଧି ପାଇଲେ ମଧ୍ୟ ଘରୋଇ ବ୍ୟବହାରରେ ୨୦ ପ୍ରତିଶତ ଡାଲି ଏବେ ବି ଆମଦାନୀ କରାଯାଉଛି, ଯେଉଁଥିପାଇଁ ଡାଲି ଉତ୍ପାଦନ ବୃଦ୍ଧିର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହି ଉତ୍ପାଦନକୁ ବଢ଼ାଇବା ପାଇଁ ଅତ୍ୟାଧୁନିକ ବିହନ ଯୋଗାଣ ବଜାୟ ରଖିବା ଏବଂ ହାଇବ୍ରିଡ୍ ପ୍ରଜାତିକୁ ପ୍ରୋତ୍ସାହିତ କରିବା ଜରୁରୀ ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O- PM-MODI-ON-PULSES**

ଶ୍ରୀ ମୋଦୀ କହିଛନ୍ତି, ଆଜି ଲୋକମାନେ ପୋଷଣ ବିଷୟରେ ଅଧିକ ସଚେତନ ଅଛନ୍ତି। ଉଦ୍ୟାନ କୃଷି, ଦୁଗ୍ଧ ଓ ମତ୍ସ୍ୟ ଜାତ ଦ୍ରବ୍ୟର ଚାହିଦା ବଢୁଥିବାରୁ ଏସବୁ କ୍ଷେତ୍ରରେ ବହୁ ପୁଞ୍ଜିନିବେଶ କରାଯାଇଛି। ବିହାରରେ ମଖାନା ବୋର୍ଡ ଗଠନ ସହିତ ଫଳ ଓ ପନିପରିବା ଉତ୍ପାଦନ ବୃଦ୍ଧି ପାଇଁ ଅନେକ କାର୍ଯ୍ୟକ୍ରମ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ଅଧୀନରେ କୋଟି କୋଟି ଗରିବ ଲୋକଙ୍କୁ ଘର ଯୋଗାଇ ଦିଆଯାଉଛି ଏବଂ ସ୍ୱାମୀତ୍ୱ ଯୋଜନାରେ ସମ୍ପତ୍ତି ମାଲିକଙ୍କୁ 'ଜମିର ମାଲିକାନା' ପ୍ରଦାନ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

ଚଳିତ ବର୍ଷର କେନ୍ଦ୍ର ବଜେଟରେ ଗ୍ରାମୀଣ ସମୃଦ୍ଧି ଏବଂ ବିକାଶ କାର୍ଯ୍ୟକ୍ରମ ପାଇଁ ଘୋଷଣା ଅନେକ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ଜାରି ରହିଥିବା ଯୋଜନାଗୁଡ଼ିକୁ କିପରି ଅଧିକ ପ୍ରଭାବଶାଳୀ କରାଯାଇପାରିବ ସେ ନେଇ ଆଲୋଚନା କରିବାକୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ କରିବା ସହ ବଜେଟର ଲକ୍ଷ୍ୟ ହାସଲ ପାଇଁ ସମସ୍ତ ଅଂଶୀଦାର ଏକଜୁଟ ହୋଇ କାମ କରିବାକୁ ସେ କହିଛନ୍ତି।

# ଏଚ୍‌ଏମ୍- ମଣିପୁର ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ମଣିପୁରର ସୁରକ୍ଷା ସ୍ଥିତିର ସମୀକ୍ଷା କରିବା ସହ ଆସନ୍ତା ୮ ତାରିଖରୁ ରାଜ୍ୟର ସମସ୍ତ ମାର୍ଗରେ ଲୋକଙ୍କ ଅବାଧ ଗମନାଗମନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆଦିଲ୍ଲୀରେ ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କ ଉପସ୍ଥିତିରେ ସୁରକ୍ଷା ସ୍ଥିତି ଉପରେ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରି ଶ୍ରୀ ଶାହା ରାସ୍ତାରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଣିପୁରର ଅନ୍ତର୍ଜାତୀୟ ସୀମାରେ ନିର୍ଦ୍ଧାରିତ ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ବାଡ଼ କାମ ଯଥାଶୀଘ୍ର ଶେଷ କରିବାକୁ ଶ୍ରୀ ଶାହା ନିର୍ଦ୍ଦେଶ ଦେଇଛନ୍ତି। ମଣିପୁରକୁ ନିଶାମୁକ୍ତ କରିବାକୁ ହେଲେ ନିଶା କାରବାର ସହ ଜଡ଼ିତ ସମଗ୍ର ନେଟୱାର୍କକୁ ଉଚ୍ଛେଦ କରାଯିବା ଦରକାର ବୋଲି ସେ କହିଛନ୍ତି। ବୈଠକରେ ଶ୍ରୀ ଶାହା କହିଛନ୍ତି, ମଣିପୁରରେ ସ୍ଥାୟୀ ଶାନ୍ତି ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ଏବଂ ଏ ଦିଗରେ ସମସ୍ତ ଆବଶ୍ୟକ ସହାୟତା ଯୋଗାଇ ଦେଉଛନ୍ତି। ଏହି ବୈଠକରେ ବିଭାଗୀୟ ସଚିବ ଗୋବିନ୍ଦ ମୋହନ, ଗୁଇନ୍ଦା ନିର୍ଦ୍ଦେଶକ ତପନ କୁମାର ଡେକାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଗତ ମାସରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ପରେ ମଣିପୁର ସୁରକ୍ଷା ସ୍ଥିତି ସମ୍ପର୍କରେ ଏହା ହେଉଛି ପ୍ରଥମ ବୈଠକ।

## ଜିଏସ୍‌ଟି

ଦେଶର ମୋଟ ସାମଗ୍ରୀ ଓ ସେବା ଟିକସ– ଜିଏସଟି ଆଦାୟ ଫେବୃଆରୀରେ ୯ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇ ୧ ଦଶମିକ ୮୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଫେବୃଆରୀରେ କ୍ରମାଗତ ଭାବେ ଦ୍ୱାଦଶ ମାସରେ ୧ ଦଶମିକ ୭ ଲକ୍ଷ କୋଟିରୁ ଅଧିକ ଜିଏସ୍‌ଟି ଆଦାୟ ହୋଇଛି। ସୂଚନା ଅନୁଯାୟୀ, କେନ୍ଦ୍ରୀୟ ଜି.ଏସ.ଟିରୁ ୩୫ ହଜାର ୨୦୪ କୋଟି ଟଙ୍କା, ରାଜ୍ୟ ଜି.ଏସ.ଟି ୪୩,୭୦୪ କୋଟି, ସମନ୍ୱିତ ଜି.ଏସ.ଟି ୯୦ ହଜାର ୮୭୦ କୋଟି ଏବଂ କ୍ଷତିପୂରଣ ସେସ୍ ୧୩ ଜଜାର ୮୬୮ କୋଟି ଟଙ୍କା ରହିଛି। ଫେବୃଆରୀରେ ମୋଟ ୨୦ ହଜାର ୮୮୯ କୋଟି ଟଙ୍କା ଫେରସ୍ତ କରାଯାଇଛି। ଫେରସ୍ତରେ ରିହାତି ଦେବା ପରେ ଫେବୃଆରୀରେ ନିଟ୍ ଜି.ଏସ.ଟି ଆଦାୟ ୮ ଦଶମିକ ୧ ପ୍ରତିଶତକୁ ବୃଦ୍ଧି ପାଇ ପ୍ରାୟ ୧ ଦଶମିକ ୬୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।

## ଛତିଶଗଡ଼ ଏନ୍‌କାଉଣ୍ଟର

ଛତିଶଗଡ଼ର ସୁକମା ଜିଲ୍ଲାରେ ଆଜି ସୁରକ୍ଷାବାହିନୀ ସହ ଗୁଳିବିନିମୟ ଘଟି ୨ ଜଣ ମାଓବାଦୀ ନିହତ ହୋଇଛନ୍ତି। କିସ୍ତାରାମ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ଗୁଇନ୍ଦା ସୂଚନା ମିଳିବା ପରେ ଡି.ଆର.ଜି ଓ ସି.ଆର.ପି.ଏଫ.ର ଏକ ମିଳିତ ଟିମ୍ କୁ ଉକ୍ତ ଅଞ୍ଚଳକୁ ପଠାଯାଇଥିଲା। ମାଓବାଦୀମାନେ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଉପରକୁ

ଆକ୍ରମଣ କରିବା ସହ ଆଖିବୁଜା ଗୁଳିଚାଳନା ଆରମ୍ଭ କରିଥିଲେ। ସୁରକ୍ଷାବାହିନୀ ଏହାର ଜବାବରେ ଗୁଳି ଚଳାଇବାରୁ ୨ ଜଣ ମାଓବାଦୀ ନିହତ ହୋଇଛନ୍ତି। ବର୍ତ୍ତମାନ ସେହି ଅଞ୍ଚଳରେ ଖାନତଲାସୀ ଅଭିଯାନ ଜାରି ରହିଛି।

## ଉତ୍ତରାଖଣ୍ଡ- ମାନା ରେସକ୍ୟୁ

ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାର ମାନା ଗ୍ରାମରେ ହିମସ୍ଖଳନରେ ଫଶି ରହିଥିବା ୫୦ ଜଣ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ବାକି ୫ ଜଣଙ୍କୁ ଖୋଜାଖୋଜି ଜାରି ରହିଛି। ଅନ୍ୟପକ୍ଷରେ ୪ ଜଣ ଆହତ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ପ୍ରବଳ ହିମ୍ମସ୍ଖଳନ ଯୋଗୁଁ ଗତକାଲି ସକାଳେ ୫୫ ଜଣ ଶ୍ରମିକ ବରଫତଳେ ଫଶି ରହିଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା।

## ତେଲଙ୍ଗାନା ଏସ୍‌ଏଲ୍‌ବିସି ଟନେଲ

ତେଲଙ୍ଗାନା ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜେ.କ୍ରିଷ୍ଣା ରାଓ  କହିଛନ୍ତି, ଉଦ୍ଧାର ଅଭିଯାନର ଏକ ଅଂଶ ଭାବରେ ଅତ୍ୟାଧୁନିକ ଜ୍ଞାନକୌଶଳ ସାହାଯ୍ୟରେ ଏସ.ଏଲ.ବି.ସି ଟନେଲ ଭିତରେ ଫସି ରହିଥିବା ୮ ଜଣଙ୍କୁ ଚିହ୍ନଟ କରାଯାଇଛି। ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ସେମାନଙ୍କ ମଧ୍ୟରୁ ଅତି କମ୍‌ରେ ୪ ଜଣଙ୍କୁ ବାହାରକୁ ଆଣିବା ପାଇଁ ପ୍ରୟାସ ଚାଲିଛି ଏବଂ ଅନ୍ୟ

୪ ଜଣଙ୍କୁ ଟନେଲରୁ ବାହାର କରିବାକୁ ଆଉ ଦୁଇ ଦିନ ଲାଗିପାରେ ବୋଲି ସେ କହିଛନ୍ତି । ଗତ ଶନିବାର ଏହାର ଛାତର ଏକ ଅଂଶ ଭୁଶୁଡ଼ି ପଡ଼ିବାରୁ ପ୍ରକଳ୍ପ ଯନ୍ତ୍ରୀଙ୍କ ସମେତ ୮ ଜଣ ଶ୍ରମିକ ଗଭୀର ସୁଡ଼ଙ୍ଗ ଭିତରେ ଫଶି ରହିଛନ୍ତି ।

## ପଞ୍ଜାବ ଡେଡ୍

ପଞ୍ଜାବର ତର୍ନ ତାରନ୍ ଗ୍ରାମରେ ଗତକାଲି ରାତିରେ ଏକ ଘରର ଛାତ ଭୁଶୁଡ଼ି ପଡ଼ିବାରୁ ଗୋଟିଏ ପରିବାରର ୫ ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ସ୍ୱାମୀ, ସ୍ତ୍ରୀ, ଦୁଇ ପୁଅ ଓ ଗୋଟିଏ ଝିଅ ରହିଥିବା ଜଣାପଡ଼ିଛି । ଛାତ ଭୁଶୁଡ଼ିବାର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ୍ୟ ବର୍ଷା ଯୋଗୁଁ ଆର୍ଦ୍ରତା ପାଇଁ ଏହି ଦୁର୍ଘଟଣା ଘଟିଥିବା ଗ୍ରାମବାସୀଙ୍କ ପକ୍ଷରୁ ଅନୁମାନ କରାଯାଇଛି ।

## ରମଜାନ୍

ଆକାଶରେ ଗତକାଲି ଚନ୍ଦ୍ର ଦୃଶ୍ୟମାନ ହୋଇନଥିବାରୁ ଆସନ୍ତାକାଲି ଠାରୁ ସମଗ୍ର ଦେଶରେ ପବିତ୍ର ରମଜାନ ମାସ ଆରମ୍ଭ ହେଉଛି । ଏହି ଉପବାସ ମାସର ଆସନ୍ତାକାଲି ହେଉଛି ପ୍ରଥମ ଦିନ । ରମଜାନ ମାସରେ ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନେ ରାତିରେ ସ୍ୱତନ୍ତ୍ର ପ୍ରାର୍ଥନା କରିବାର ବିଧି ରହିଛି । ରମଜାନ ମାସର ଅନ୍ତିମ ଦିନରେ ଉପବାସ

ଉଦ୍‌ଯାପନ ଅବସରରେ ଇଦ୍‌-ଉଲ୍‌-ଫିତର ପାଳନ କରାଯିବ । ତେବେ ଉପସାଗରୀୟ ଦେଶଗୁଡ଼ିକରେ ଆଜିଠାରୁ ରମଜାନ ମାସ ଆରମ୍ଭ ହୋଇଛି ।

## ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି

କରାଚିର ନ୍ୟାସନାଲ ଷ୍ଟାଡିୟମଠାରେ ଆଇ.ସି.ସି. ପୁରୁଷ ଚାମ୍ପିୟନ୍‌ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଇଂଲଣ୍ଡ’ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୧୮୦ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଗ୍ରୁପ୍‌-ବି’ର ଏହି ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୩୮ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୭୯ ରନ୍ କରିବାକୁ ସକ୍ଷମ ହୋଇଥିଲା । ଜୋ ରୁଟ୍ ସର୍ବାଧିକ ୩୭ ରନ୍ ସଂଗ୍ରହ କରିଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ୱିଆନ ମୁଲଡର ଏବଂ ମାର୍କୋ ଜାନସେନ୍ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ ।

ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଦକ୍ଷିଣ ଆଫ୍ରିକା ୧୬ ଓଭର୍‌ରେ ୨ ୱିକେଟ୍ ହରାଇ ୮୮ ରନ୍ ସଂଗ୍ରହ କରିଛି ।